# Akashvani, Sambalpur

## SAMBALPURI NEWS BULLETIN

### 7 May 2025- 6.47- 6.52 am.

**********************************************

ଅପରେସନ୍ ସିନ୍ଦୂର          ଆର୍ଏନ୍ୟୁ/ କଟକ

ପାକିସ୍ତାନ ଆଉ ପାକ୍ ଅଧିକୃତ ଜମ୍ମୁ-କଶ୍ମୀର୍ଠାନେ ଥିବା ଆତଙ୍କବାଦୀ ଆଡ୍ଡାମାନଙ୍କୁ ଲକ୍ଷ୍ୟ କରି କରି ଭାରତୀୟ ବାୟୁସେନା ତର୍ଫୁ ଅପରେସନ୍ ସିନ୍ଦୂର ମୁଲ୍ କରାଯାଇଛେ । ଗଲାରାତି ଇ ଅପରେସନ୍ ଜରିଏ ପାକିସ୍ତାନର ୯ଟା ଆତଙ୍କବାଦୀ ଇଲାକାକେ ଭାରତୀୟ ବାୟୁସେନା ସଂଯମ୍ ରଖିକରି ଯୋଜ୍ନାବଦ୍ଧ୍ ଭାବେ ଲକ୍ଷ୍ୟ ଭେଦ୍ କରିଛେ । ପ୍ରତିରକ୍ଷା ମନ୍ତ୍ରଣାଳୟର୍ ସୂଚ୍ନା ଅନ୍ସାରେ ପାକିସ୍ତାନ ସେନାର୍ କେହେନ୍ସି ଶିବିର୍ ଉପରେ ଭାରତୀୟ ସେନା ଆକ୍ରମଣ ନାଇଁକରି । ହେଲେ ଇ ଆକ୍ରମଣଥି ଆତଙ୍କବାଦୀ ଆଡ୍ଡାମାନଙ୍କର ବହୁତ୍ ନୁକ୍ସାନ୍ ହେଇଛେ । ପେହେଲ୍ଗାମ୍ ଆତଙ୍କବାଦୀ ଆକ୍ରମଣ ଘଟ୍ନା ଉତ୍ରୁ ଭାରତ୍ ତର୍ଫୁ ଇ ପଦକ୍ଷେପ୍ ନିଆଯାଇଥିବା ମନ୍ତ୍ରଣାଳୟ ତର୍ଫୁ ସୂଚ୍ନା ଦିଆଯାଇଛେ ।

ସିଭିଲ୍ ମକ୍‌ଡ୍ରିଲ୍          ଆର୍‌ଏନ୍‌ୟୁ/ ସମ୍ବଲପୁର

ସ୍ୱରାଷ୍ଟ୍ର ମନ୍ତ୍ରଣାଲୟର୍ ନିର୍ଦ୍ଦେଶ୍ ଅନ୍‌ସାରେ ଆଏଜ୍ ରାଜ୍ୟର୍ ୧୨ ଟା ଜାଗା ସହେତେ ଦେଶର୍ ୨ ଶହ ୪୪ ଟା ବେସାମରିକ୍ ସୁରକ୍ଷା ଜିଲ୍ଲା ନ ମକ୍‌ଡ୍ରିଲ୍ କରାଯିବା । ଓଡ଼ିଶାର୍ ରାଜ୍‌ଧାନୀ ଭୁବ୍‌ନେଶ୍ୱର୍ ସହେତେ ହୀରାକୁଦ୍, ରାଉର୍‌କେଲା, ବାଲେଶ୍ୱର୍, କୋରାପୁଟ୍, ଗୋପାଲ୍‌ପୁର୍, ପାରାଦ୍ୱୀପ୍, ଭଦ୍ରକ୍, ଢେଙ୍କାନାଲ୍, ଜଗତ୍‌ସିଂହପୁର୍, କେନ୍ଦ୍ରାପଡ଼ା ଆର୍ ତାଲ୍‌ଚେର୍ ନ ମକ୍‌ଡ୍ରିଲ୍ ହେବା ।

ଆଏଜ୍ ପହେଲା ଖେପେ ସମୁଦ୍ରଖଁଡ଼ି ଜିଲ୍ଲା ଆର୍ ସହରୀ ଇଲାକା ନ ମକ୍‌ଡ୍ରିଲ୍ ହେବା । ଉପର୍‌ବେଲା ୪ ବଜେ ମକ୍‌ଡ୍ରିଲ୍ ଲାଗି ସାଇରନ୍ ବାଜ୍‌ବା । ଖାସ୍ କରି ଶତ୍ରୁପକ୍ଷର୍ ବିମାନ୍ ଆକ୍ରମଣ୍ କଲେ କେନ୍ ପ୍ରକାର୍ ବ୍ୟବସ୍ଥା ନିଆଯିବା ସେ ବାବ୍‌ଦେ ଲୁକ୍‌କୁ ସଚେତନ୍ କରାଯିବା । ଆକ୍ରମଣ୍ ସମିଆଥି କଂକ୍ରିଟ୍ ଛାତ୍ ତଲେ ଆଶ୍ରୟ ନେବାର୍ ଲାଗି ଲୋକ୍‌ମାନ୍‌କୁ ପରାମର୍ଶ ଦିଆଯିବା । ଇତାର୍‌ସହେତେ ବସ୍ତି ଇଲାକାର୍ ଲୁକ୍‌କୁ ସୁରକ୍ଷିତ୍ ଜାଗାକେ ନିଆଯିବାର୍ ଯୋଜ୍‌ନା କରାଯିବା । ୫ ମିନିଟ୍ ଉତ୍‌ରୁ ଫେର୍‌ଘାଏ ସାଇରନ୍ ବାଜ୍‌ଲେ ମକ୍‌ଡ୍ରିଲ୍ ଶେଷ୍ ହେବା ବଲି ଅଗ୍ନିଶମ ମହାନିର୍ଦ୍ଦେଶକ୍ ସୁଧାଂଶୁ ଷଡ଼ଙ୍ଗୀ କହିଛନ୍ ।

ସେଆଡ଼େ ହୀରାକୁଦ୍ କେଟୋଗୋରୀ-ଟୁ ବେସାମରିକ ସୁରକ୍ଷା ଜିଲ୍ଲାଥି ଆସୁଥିବାର୍‌ନୁ ଯୁଦ୍ଧ ସମିଆଥି ଲୁକେ କେନ୍ତାକରି ସୁରକ୍ଷିତ୍ ରହିପାର୍‌ବେ ସେ ବାବ୍‌ଦେ ଆଏଜ୍ ପ୍ରଶାସନ୍ ତର୍‌ଫୁ ମକ୍‌ଡ୍ରିଲ୍ କରାଯିବା । ଉପର୍‌ବେଲା ୪ ବଜେ ସହରର୍ ଲକ୍ଷ୍ମୀଟକିଜ୍ ଛକ୍‌ନୁ

ରେଲ୍‌ଷ୍ଟେସନ୍ ତକ୍ ଇ ମକ୍‌ଡ୍ରିଲ୍ ହେବା । ସାଇରନ୍ ବାଜ୍‌ଲେ ଲୁକେ କାଣା କର୍‌ବେ ମକ୍‌ଡ୍ରିଲ୍‌ଥି ଲୁକ୍‌କୁ ଜନାଯିବା ବଲି ଆରକ୍ଷୀ ଅଧିକ୍ଷକ ମୁକେଶ ଭାମୁ କହିଛନ୍ ।
(ଭଏସ୍ ଓଭର୍- ଜିଲ୍ଲାପାଲ୍)

ଦିଘା ଘଟନ୍‌କେ ନେଇ ମମତାଙ୍କୁ ଚିଠି I&PR

ଦୀଘା ନ ପଶ୍ଚିମବଙ୍ଗ ସରକାର ଥାପ୍‌ନା କରିଥିବା ଜଗନ୍ନାଥ ମନ୍ଦିରକେ ଜଗନ୍ନାଥ ଧାମ୍ ନାଇ କୁହାଯାଉ ବଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଚିଠି ଲେଖିଛନ୍ । ଚିଠିଥି ଓଡ଼ିଶାର୍ ଭାବାବେଗ୍‌କେ ସମ୍ମାନ୍ ଦେଇକରି ଦିଘା ମନ୍ଦିର ନୁ ଜଗନ୍ନାଥ ଧାମ୍ ନାଁ ହଟାବାର୍‌କେ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ ।

ମିଶନ ଶକ୍ତି କାଫେ ଉଦ୍‌ଘାଟନ୍ I&PR

ଉପମୁଖ୍ୟମନ୍ତ୍ରୀ ଆଉ ମହିଳା ସଶକ୍ତୀକରଣ ବିଭାଗ ମନ୍ତ୍ରୀ ପ୍ରଭାତି ପରିଡ଼ା ଆଏଜ୍ ସଖାଲ୍‌ବେଲା ଭୁବନେଶ୍ୱର ପ୍ରାକୃତିକ ଉଦ୍ୟାନ ଆନନ୍ଦବନ୍‌ଠାନେ ସୁଭଦ୍ରା ଶକ୍ତି କାଫେକେର୍ ଉଦ୍‌ଘାଟନ୍ କର୍‌ବେ । କାର୍ଯ୍ୟକ୍ରମଥି ବହୁତ୍ ସିଆନ୍ ସୁଜନ୍ ଯୋଗ୍ ଦେବାର୍ କାର୍ଯ୍ୟକ୍ରମ ରହିଛେ ।

ଓଡ଼ିଶା ପର୍ଯ୍ୟଟନ୍ ସମ୍ମାନୀତ୍ I&PR

ରାଜସ୍ଥାନର ଜୟପୁରଠାନେ ଚାଲିଥିବା ଗ୍ରେନ୍ ଇଣ୍ଡିଆନ୍ ଟ୍ରାଭେଲ୍ ବଜାର ୨୦୨୫ଥି ପେଭିଲିଅନ୍‌ର ଅସାଧାରଣ ଡିଜାଇନ୍ ଲାଗି ଓଡ଼ିଶା ପର୍ଯ୍ୟଟନ୍‌କେ ବେଷ୍ଟ ଷ୍ଟଲ୍ ସମ୍ମାନ୍ ମିଲିଛେ । ପର୍ଯ୍ୟଟନ ବିଭାଗର କମିଶନର୍ ଆଉ ସଚିବ ବଲୱ୍ୱନ୍ତ ସିଂହ କାର୍ଯ୍ୟକ୍ରମଥି ଉପସ୍ଥିତ ରହିକରି ପୁରସ୍କାର୍ ଗ୍ରହଣ କରିଛନ୍ । ଗଲାକାଏଲ୍ ଶେଷ୍ ହେଇଥିବା ୩ ଦିନିଆ ସମାରୋହଥି ଓଡ଼ିଶା ପର୍ଯ୍ୟଟନ୍ ବହୁତ୍‌ଟେ ପ୍ରଶଂସା ପାଇଛେ ।

ବିଶ୍ୱବିଦ୍ୟାଳୟ ପରୀକ୍ଷା ଫଲ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲପୁର ବିଶ୍ୱବିଦ୍ୟାଳୟର୍ ଯୁକ୍ତ ୩, ୬ ନମ୍ବର ସେମିଷ୍ଟାର୍ ପରୀକ୍ଷା ଫଲ୍ ଗଲାକାଏଲ୍ ବାହାରିଛେ । ବିଶ୍ୱବିଦ୍ୟାଳୟ ଅଧିନ୍‌ଥି ଥିବା ପଶ୍ଚିମ ଓଡ଼ିଶାର୍ ୧୦ଟା ଜିଲ୍ଲାର ୧୬୫ଟା କଲେଜ୍‌ର ୨୨ ହଜାର ୩ ଶହ ୭୨ ଝନ୍ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ । ଇ ବଛର୍ ପରୀକ୍ଷା ଶେଷ ହେବାର୍ ୨୨ ଦିନ୍ ଭିତ୍‌ରେ ଫଲ୍ ବାହାର୍ କରି କରି ବିଶ୍ୱବିଦ୍ୟାଳୟ ରେକର୍ଡ କରିଛେ । ଇନ ଜନେଇ ଦିଆଯାଇପାରେ ଯେ, ପରୀକ୍ଷା ଏପ୍ରିଲ ୧୪ ତାରିଖ ଶେଷ୍ ହେଇଥିଲା ।

ଆଇସିଏଆର୍ ପାଠ୍ୟକ୍ରମ୍‌ଥି ନାଁ ଲେଖା   ଆର୍‌ଏନ୍‌ୟୁ/ ସମ୍ବଲପୁର

ଭାରତୀୟ କୃଷି ଗବେଷଣା ପରିଷଦ ଆଇସିଏଆର୍‌ର ପିଜି ଆଉ ପିଏଚ୍‌ଡି ପାଠ୍ୟକ୍ରମ୍‌ଥି ନାଁ ଲେଖାବାର୍ ଲାଗି ଆବେଦନ୍ ପ୍ରକ୍ରିୟା ଗଲାକାଏଲ୍ ମୁଲ୍ ହେଇଛେ । ଇଚ୍ଛୁକ୍ ଛାତ୍ରଛାତ୍ରୀମାନେ ଜାତୀୟ ପରୀକ୍ଷଣ ସଂସ୍ଥା -ଏନ୍‌ଟିଏ ୱେବ୍‌ସାଇଟ୍‌ଥି ଆଏବା ଜୁନ୍ ୫ ତାରିଖ୍ ଭିତ୍‌ରେ ଆବେଦନ୍ କରିପାର୍‌ବେ ।

ଆଇଆଇଏମ୍‌ସି -ନାଁଲେଖା        ଆର୍‌ଏନ୍‌ୟୁ/ ସମ୍ବଲପୁର

ଭାରତୀୟ ଜନସଂଚାର୍ ସଂସ୍ଥାନ୍ - ଆଇଆଇଏମ୍‌ସି ଢେଙ୍କାନାଲ୍ ନ ଓଡ଼ିଆ ସାମ୍ବାଦିକତାଥି ସ୍ନାତକୋତର୍ ଡିପ୍ଲୋମା ପାଠ୍ୟକ୍ରମ ନ ନାଁଲେଖାବାର୍ ଲାଗି ଅନ୍‌ଲାଇନ୍ ଆବେଦନ୍ ସମିଆକେ ମେ ୧୦ ତାରିଖ୍‌ତକ୍ ବଢ଼ାଯାଇଛେ । ଇଚ୍ଛୁକ ଛାତ୍ରଛାତ୍ରୀ www.iimc.gov.in ୱେବ୍‌ସାଇଟ୍ ନୁ ନାଁଲେଖା ଫର୍ମ ଡାଉନ୍‌ଲୋଡ୍ କରିପାର୍‌ବେ । ଛାତ୍ରଛାତ୍ରୀ ଗୁଗୁଲ୍ ଫର୍ମ ଜରିଏ ଭିଲ୍ ଆବେଦନ୍ କରିପାର୍‌ବେ ବଲି ଆଇଆଇଏମ୍‌ସି ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଖେଲୋ ଇଣ୍ଡିଆ ୟୁିବ କ୍ରୀଡ଼ା          ଆର୍ଏନ୍ୟୁ/ ସମ୍ବଲପୁର

ବିହାର୍ ନ ଚାଲିଥିବା ଖେଲୋ ଇଣ୍ଡିଆ ୟୁିବ କ୍ରୀଡ଼ାଥି ଓଡ଼ିଶା ଫୁଟ୍ବଲ୍ ଦଲ୍ ପଶ୍ଚିମବଙ୍ଗକେ ୨-୦ ଗୋଲ୍ ଦେଇକରି ହରେଇଛେ ।  ସେଆଡ଼େ ଖୋଖୋ ଥି ଓଡ଼ିଶା ବାଳକ ଆଉ ବାଳିକା ଦଲ୍ ଭଲ୍ ଖେଲିକରି ବିଜୟ ଯାତ୍ରା ମୁଲ୍ କରିଛେ ।

ପାଣିପାଗ      ଆର୍ଏନ୍ୟୁ/ ସମ୍ବଲପୁର

ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍ନା ଅନ୍ସାରେ ଆଏବା ୨୪ ଘଂଟା ଭିତ୍ରେ ରାଜ୍ୟର୍ କେତେଟା ଜାଗା ନ ଘଡ୍ଘଡ଼ି ସହେତେ ବର୍ଷା ହେଇପାରେ । ମୟୁରଭଞ୍ଜ, ବାଲେଶ୍ୱର, ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି, ଗଞ୍ଜାମ ଆଉ ନବରଙ୍ଗପୁର ଜିଲ୍ଲାନ ଘଡ୍ଘଡ଼ି ସାଙ୍ଗେ ଜବର୍ ଧୁକାଗର୍ଡ଼ି ହେଇପାରେ ବଲି ପାଣିପାଗ କେନ୍ଦ୍ର ସତର୍କ ସୂଚ୍ନା ଜାରି କରିଛେ । ଆଏବା ୨ ଦିନ୍ତକ୍ ପାଗ୍ ଏନ୍ତା ରହେବା ବଲି  ପାଣିପାଗ୍ କେନ୍ଦ୍ର ଅନୁମାନ୍ କରିଛେ ।